**ବ୍ୟାଟେରି ଚୋରି ଅଭିଯୋଗରେ ୨ ଗିରଫ**

ପାରାଦୀପ (ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ପୋଲିସ ରବିବାର ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମର ଦିଲୀପ ପଲେଇ ଓ କେଶବ ପ୍ରଧାନ। ସେମାନଙ୍କଠାରୁ ଗାଡ଼ି ବ୍ୟାଟେରି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଆଦି ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ବାଲିଚନ୍ଦ୍ରପୁର,୨।୧(ସ୍ୱ.ପ୍ର.): ସଡ଼କ ଦୁର୍ଘଟଣାରେ ସୋମବାର ବଡ଼ଚଣା ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ବ୍ଲକ ପତରାଜପୁର ପଞ୍ଚାୟତ ଆମ୍ବସୌରୀ ଗ୍ରାମର ଅମିତ ନାୟକ(୩୨)। ଅମିତ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ଲାଗି ମୋଟରସାଇକେଲ ଯୋଗେ ଯାଉଥିଲେ। ଏହି ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

### ୧୧ ପାନବରଜ ଅଧିଗ୍ରହଣ

କୁଜଙ୍ଗ,୩।୧(ଡି.ଏନ୍.ଏ.): ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜାରି ରହିଛି। ସୋମବାର ଢିଙ୍କିଆ ଓ ମାହାଳ ଗ୍ରାମରେ ୧୮ଟି ପାନବରଜ ସହମତି ଭିତ୍ତିରେ ମାପଚୁପ କରାଯାଇଥିବା ବେଳେ ୧୧ଟି ଭଙ୍ଗାଯାଇ ଅଧିଗ୍ରହଣ କରାଯାଇଛି। ଅପରପକ୍ଷେ ଗଡକୁଜଙ୍ଗ ଓ ନୂଆଗାଁର କୁଞ୍ଜବିହାରୀ ହାଇସ୍କୁଲରେ ମୋଟ ୧୨୩ ଛାତ୍ରୀଛାତ୍ରଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଟେଷ୍ଟପେପର ବଣ୍ଟନ କରାଯାଇଛି।

### ରାଜନଗରରେ ଧାନମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ରାଜନଗର,୩।୧(ଡି.ଏନ.ଏ.): ରାଜନଗର ବ୍ଲକର ସାନଓରଠାରେ ବ୍ଲକସ୍ତରୀୟ ଧାନମଣ୍ଡି ଉଦ୍‌ଘାଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟିତ କରିଥିଲେ। ତହସିଲଦାର ଭୋଳାନାଥ ସେଠୀ, ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାସ, ସାଂସଦଙ୍କ ପ୍ରତିନିଧି ଅଶୋକ ପ୍ରତିହାରୀ, ସୁରେନ୍ଦ୍ର ପ୍ରସାଦ ରାଉତ, ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ କଣି ଗାଁର ଚାଷୀ ଶ୍ରୀଧର ସାମଲ ୫୫ କୁଇଣ୍ଟାଲ ୨୦ କେଜି ଧାନ ଦେଇଥିଲେ। ହରଗୌରୀ ରାଇସମିଲ ଏହି ଧାନ ଉଠାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସେବା ସମବାୟ ସମିତି ସମ୍ପାଦକମାନେ ଯୋଗ ଦେଇଥିଲେ।

### ସଙ୍ଗୀତ କଳା ପ୍ରସାରଣ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ବିରିଡି,୩।୧(ଡି.ଏନ.ଏ.): ବିରିଡି ବ୍ଲକ ହାଜିପୁରଠାରେ ଏକ ସଙ୍ଗୀତ କଳାପ୍ରସାରଣ ଶିକ୍ଷାକେନ୍ଦ୍ର ଶୁଭାରମ୍ଭ ହୋଇଛି । ଏହାକୁ ଓଡ଼ିଶା ରାଜ୍ୟ ବାଦ୍ୟ ଶିଳ୍ପୀ କଳାକାର ମହାସଂଘ ଉପଦେଷ୍ଟା ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାକେନ୍ଦ୍ରର ଉପସଭାପତି କବି ବାମଦେବ ସ୍ୱାଇଁ, କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର, ସମ୍ପାଦକ ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କିଶୋର ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ବିଜେଡିର କର୍ମୀ ସମ୍ମିଳନୀ

ବିରିଡି,୩।୧(ଡି.ଏନ.ଏ.): ବିରିଡି ବ୍ଲକ ଅଡ଼ଙ୍ଗଗଡ ପଞ୍ଚାୟତ ପକ୍ଷରୁ ସୋମବାର ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୃସିଂହ ଦାଶ, ନେତ୍ରାନନ୍ଦ ପାତ୍ର, ମନୋରଞ୍ଜନ ମୁଖି, ଦେବବ୍ରତ ରାୟ, ସାଗରିକା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ସଙ୍ଗଠନ କିପରି ମଜ୍‌ବୁତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ଦିବାରାତ୍ର କ୍ରିକେଟ୍: କଣ୍ଟାପଡ଼ା ଟିମ୍ ଚାମ୍ପିୟନ

ଜଗତ୍‌ସିଂହପୁର ଅଫିସ,୩।୧: ଜଗତ୍‌ସିଂହପୁରର ପୁନଙ୍ଗଠାରେ ଚାଲିଥିବା ସତ୍ୟଜିତ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଉଦ୍‌ଯାପନୀ ଦିବସରେ ଆୟୋଜକ ମା' ହରଚଣ୍ଡୀ କ୍ରିକେଟ୍ ଟିମ୍‌କୁ ହରାଇ କଣ୍ଟାପଡ଼ା କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ଉତ୍ସବରେ ଜୟ ଦୁର୍ଗା ଯୁବ ଓ କ୍ରୀଡା ସଂଘ ସଭ୍ୟ ଲକ୍ଷ୍ମୀ ନାରାୟଣ ମିଶ୍ର, ଶରତ ସାହୁ, ଶାରଦା ପ୍ରସାଦ ରଣା, ରଜନୀକାନ୍ତ ଚୌଧୁରୀ, ବଦ୍ରିନାରାୟଣ ମହାନ୍ତି ଓ କୃଷ୍ଣଚନ୍ଦ୍ର ଦାସ ଅତିଥିଭାବେ ଯୋଗଦେଇ ୨ ଦଳକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ସୁଶୋଭିତ ବାନାର୍ଜୀ, ଅଭିଜିତ ଦାସ, ସ୍ୱପ୍ନଜିତ ସାହୁ ଓ ସତ୍ୟଜିତ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହାୟତା କରିଥିଲେ।

# ମାସେ ହେବ ପରିବାର ଗୃହବନ୍ଦୀ

**ଆଳିରେ କଙ୍ଗାରୁ କୋର୍ଟ**

■ ଯାତାୟାତ ବାଟ ବନ୍ଦ କଲେ ଗ୍ରାମବାସୀ

ଆଳି,୩।୧(ଡି.ଏନ୍.ଏ)

କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅନ୍ତର୍ଗତ ତରିପାଟଣା ଗ୍ରାମର କେତେଜଣ ବ୍ୟକ୍ତି କଙ୍ଗାରୁ କୋର୍ଟ କରି ବାବୁଲି ସାହୁଙ୍କ ପରିବାର ଲୋକଙ୍କୁ ମାସେ ହେବ ଗୃହବନ୍ଦୀ ଅବସ୍ଥାରେ ରଖିଛନ୍ତି। ଏ ନେଇ ସେ ତହସିଲ ଓ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜିଯାଏ ନ୍ୟାୟ ପାଉନାହାନ୍ତି ବୋଲି ସୋମବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀରେ ସାହୁ ଅଭିଯୋଗ କରିଛନ୍ତି। ସାହୁ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଲୋକ କଅଁରପୁର ମୌଜାର ଖାତା ନଂ. ୩୩୧, ପ୍ଲଟ ନଂ. ୧୬୭୧ରେ ୭୦ ବର୍ଷ ହେବ ବସବାସ କରି ଆସୁଛନ୍ତି। ତାଙ୍କ ଘର ସାମ୍ନା ୧୬୭୦ ନମ୍ବର ପ୍ଲଟରେ ରୋହିନୀ ଠାକୁରାଣୀଙ୍କ ମନ୍ଦିର ରହିଛି। ଏହି ଠାକୁରାଣୀ ମନ୍ଦିର ପରିସର ରାସ୍ତାରେ ସେମାନେ ଦୀର୍ଘବର୍ଷ ହେବ ଯାତାୟାତ କରି ଆସୁଥିଲେ। ଗ୍ରାମର କେତେଜଣ ମନ୍ଦିର ପାଚେରି ନିର୍ମାଣ କରିବା ପରେ ତାଙ୍କ ଯାତାୟାତ ଲାଗି ଏକ ଛୋଟ ରାସ୍ତା ରଖିଥିଲେ, ଯେଉଁ ରାସ୍ତାରେ ତାଙ୍କ ପରିବାର ଲୋକ ଯାତାୟାତ କରୁଥିଲେ। କିନ୍ତୁ ୩।୧୨।୨୦୨୧ରେ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କ ଉପରେ ଆକ୍ରୋଶମୂଳକ ମନଭାବ ରଖି ତାଙ୍କ ନିମନ୍ତେ ଥିବା ଛୋଟିଆ ବାଟକୁ ବନ୍ଦ କରି ଦେଇଛନ୍ତି। ଏ ନେଇ ସେ ସେମାନଙ୍କୁ ବାରଣ କରିବାରୁ ତାଙ୍କୁ ମାଡ଼ ମରାଯାଇଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯାତାୟାତ ରାସ୍ତା ବନ୍ଦ ଯୋଗୁ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବାର ଲୋକଙ୍କ ସମେତ ଗୋରୁ ମଧ୍ୟ ଗୁହାଳେ ବନ୍ଧା ହୋଇ ରହିଛନ୍ତି। ସେମାନଙ୍କୁ ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ ଘର ପଛ ପଟ ବିଲ ବାଟେ ଯିବାକୁ ପଡୁଛି। ମୁଖ୍ୟ ରାସ୍ତା ନ ଥିବାରୁ ସେମାନେ ବହୁ ହଇରାଣ ହେଉଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ଆଳି ତହସିଲଦାର ତପନ କୁମାର ସେନାପତିଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ଆଳି ଆଇଆଇସି ସଲିଳ କୁମାର ପ୍ରଧାନଙ୍କୁ ପଚାରିବାରେ ଜମିଜମାକୁ ନେଇ ବିବାଦ ହୋଇଥିବାରୁ ତହସିଲଦାରଙ୍କ ପାଖକୁ ଯିବାକୁ ବାବୁଲି ସାହୁଙ୍କୁ କୁହାଯାଇଥିଲା ବୋଲି ସେ କହିଛନ୍ତି।


ରାସ୍ତା ନ ଥିବାରୁ ବାବୁଲିଙ୍କ ପରିବାର ପାଚେରି ଡେଇଁ ଯାତାୟାତ କରୁଛନ୍ତି।

## ପାର୍କ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ

କୁଜଙ୍ଗ, ୩।୧(ଡି.ଏନ୍.ଏ.)

**ବ୍ୟୟ ଅଟକଳ ସମ୍ପର୍କରେ ପ୍ରଶାସନ ପାଖରେ ସୂଚନା ନାହିଁ**

କୁଜଙ୍ଗ ବନବିହାରୀ ହାଇସ୍କୁଲ ପଡ଼ିଆରେ ସୋମବାର ପାର୍କ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ବିଧାୟକ ସମ୍ବିତ ରାଉତରାୟ ଓ ଜିଲାପାଳ ପାରୁଲ ପଟ୍ଟୱାରୀ ଏଥିରେ ଯୋଗ ଦେଇଥିଲେ। ମାତ୍ର କେଉଁ ବିଭାଗ ଦ୍ୱାରା ଓ କେତେ ଅର୍ଥ ବ୍ୟୟ ଅଟକଳରେ ପାର୍କ ନିର୍ମାଣ କରାଯିବ ତାହା ଅସ୍ପଷ୍ଟ ରହିଛି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍କୁଲ ପଛପଟ ପ୍ରାଚୀର ନିର୍ମାଣ କଥା ସେ ଜାଣିଛନ୍ତି । ମାତ୍ର ପାର୍କ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ। ବିଧାୟକ ଓ ଜିଲାପାଳ ଏହି କାର୍ଯ୍ୟକ୍ରମ ପାଇଁ ଆସିଥିବାରୁ ସେ ଏଠାରେ ଉପସ୍ଥିତ ଥିଲେ ବୋଲି କହିଥିଲେ। ଅପରପକ୍ଷେ ପାର୍କ ନିର୍ମାଣ ଦ୍ୱାରା ଖେଳପଡ଼ିଆ ସଙ୍କୁଚିତ ହେବ ବୋଲି ପୁରାତନ ଛାତ୍ର ହୃଷୀକେଶ ନାଥ କହିଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲାପାଳ ଓ ବିଧାୟକଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ।

## ଦାନପୁର ଧାନ ମଣ୍ଡି ଉଦ୍‌ଘାଟିତ

ଡେରାବିଶ,୩।୧(ସ୍ୱ.ପ୍ର.)

ଚାନ୍ଦୋଳସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ପାଣିଓଳାର ଦାନପୁର ପ୍ରାଥମିକ କୃଷି ସମବାୟ ସମିତିର ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଛି। ମଣ୍ଡିକୁ କେନ୍ଦ୍ରାପଡ଼ା ଜିଲା ଏଆରସିଏସ୍ ସନ୍ତୋଷ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଏସ୍‌ଆରସିଏସ୍. ମନମୋହନ ରାଉତ ଯୋଗଦେଇ ଅନ୍‌ଲାଇନ୍‌ରେ ବୁକ୍ କରିଥିବା ଏବଂ ଟୋକନ୍ ପାଇଥିବା ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ବୋଲି କହିଥିଲେ। ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଓ ସାଧାରଣ ମାନ ଧାନର କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ସୁବ୍ରତ ନାୟକ ପରିଚାଳନା କରିଥିବା ବେଳେ କର୍ମଚାରୀ ତନ୍ମୟ ବେହେରା, ଉମେଶ ଚନ୍ଦ୍ର ପରିଡ଼ା ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ପୂର୍ବତନ ସଭାପତି ନିଶାମଣି ବେହେରା, ପର୍ଶୁରାମ ମଲ୍ଲ, ପୂର୍ବତନ ସମ୍ପାଦକ ବଂଶୀଧର ବେହେରା ଓ ପରିଚାଳନା କମିଟିର ସଭ୍ୟ ଏବଂ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କଠାରୁ ୪୧୩୨ କୁଇଣ୍ଟାଲ ଧାନ କିଣିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଟାର୍ଗେଟ୍ ଆସିଥିବା ସମ୍ପାଦକ ସୁବ୍ରତ କହିଛନ୍ତି।

## ଆତ୍ମାହୁତି ଉଦ୍ୟମ ଘଟଣାରେ ୨ ଗିରଫ

ଧର୍ମଶାଳା,୩।୧(ଡି.ଏନ୍.ଏ.)

ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଆତ୍ମାହୁତି ଉଦ୍ୟମ ଘଟଣାରେ ପୋଲିସ ମହିଳା ଓ ତାଙ୍କ ପୁତୁରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧର୍ମଶାଳା ଥାନା ଅଧୀନ ନେଉଳପୁର ଗ୍ରାମର ଅନିମା ରାଉତ ଓ ସୁଧାଂଶୁ ଶେଖର ଘଡ଼େଇ। ଅନିମା ଏକ ଚକଭୁକ୍ତ ଜମି ବିକ୍ରି ପାଇଁ ତହସିଲଦାରଙ୍କଠାରୁ ଅନୁମତି ଲାଗି ଆବେଦନ କରିଥିଲେ। ଉକ୍ତ ଜମି ବିକ୍ରି ପାଇଁ ଉପଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଅନୁମତି ଆବଶ୍ୟକ ବୋଲି ତହସିଲଦାର ତାଙ୍କୁ କହିଥିଲେ। ପରେ ମହିଳା ଜଣକ ଯାଜପୁର ଟାଉନ ଯାଇ ଆବେଦନ କରିଥିଲେ ହେଁ ସୁଫଳ ପାଇ ନ ଥିଲେ। ପରେ ଗତ ମାସ ୨୦ତାରିଖରେ ଅନିମା ତହସିଲଦାରଙ୍କୁ ଭେଟି ପଚାରିବାରୁ ତହସିଲଦାର ତାଙ୍କ ଉପରେ ରାଗିଯାଇ ଏଠାରୁ ବାହାର ବୋଲି ଧମକ ଦେଇଥିବା ମହିଳା ଅଭିଯୋଗ କରିଥିଲେ। ଶେଷରେ ସେ ନିରୁପାୟ ହୋଇ ତହସିଲ କାର୍ଯ୍ୟାଳୟରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଲୋକେ ତାଙ୍କୁ କାବୁ କରିବା ସହ ତହସିଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ମହିଳାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାକୁ ନେଇ ତହସିଲଦାର ସ୍ୱାଗତ ଦାସ ଥାନାରେ ଅଭିଯୋଗ କରିଥିଲେ। ମହିଳା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିଲେ ବୋଲି ସେ ଦର୍ଶାଇଥିଲେ। ପୋଲିସ ନଂ.୬୦୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମହିଳାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ତାଙ୍କ ପୁତୁରାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

# ପୁଟୁଲି ବୈଶ୍ୟ ସମାଜର ରାଜ୍ୟସ୍ତରୀୟ ସମାରୋହ

ଚଣ୍ଡିଖୋଲ,୩।୧(ଡି.ଏନ.ଏ.)

ଲକ୍ଷ୍ମୀ ନାରାୟଣ ପୁଟୁଲି ବୈଶ୍ୟ ସମାଜ କେନ୍ଦୁପାଟଣା ମଣ୍ଡଳ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସମାରୋହ ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲରସ୍ଥିତ ଉଦାସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପାଟଣା ମଣ୍ଡଳ ସଭାପତି ରଶ୍ମିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମଚାରୀ ବାବା ରବୀନ୍ଦ୍ରନାଥ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଜାତିର କଳା, ସଂସ୍କୃତି ଓ ନିଷ୍ଠା ରହିଲେ ଜାତିର ଉନ୍ନତି ସମ୍ଭବ ହେବ ବୋଲି କହିଥିଲେ। ଏଥିସହିତ ଏକନିଷ୍ଠ ଭାବେ କର୍ମ କରିଚାଲିଲେ ମନୁଷ୍ୟ ସଫଳତାର ପାହାଚ ଚଢ଼ିପାରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ନିଖିଳ ଉତ୍କଳ ପୁଟୁଲି ବୈଶ୍ୟ ସମାଜ ସଭାପତି ରଘୁନାଥ ସାହୁ ଯୋଗଦେଇ ଯୁବପିଢ଼ି ସେବା ଓ ସଂଘର୍ଷ ଜାରି ରଖିଲେ ଆଗାମୀ ଭବିଷ୍ୟତ ମଧୁରମୟ ହେବ ବୋଲି ପ୍ରକାଶ କରିଥିଲେ। ସ୍ତମ୍ଭକାର ଅରୁଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ମଣିଷ ପ୍ରଥମେ ସୃଷ୍ଟି ହେଲାପରେ ଜାତି ସୃଷ୍ଟି ହୋଇଥିଲା। ବିଭିନ୍ନ ଦେଶରେ ନିଜସ୍ୱ ଜାତିର ପରାକାଷ୍ଠା ଦେଖାଇ କିପରି ମାନବବାଦ ଆଜି ଶୀର୍ଷରେ ପହଞ୍ଚିଛି ତା'ର ଉଦାହରଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ସାହୁ ବାର୍ଷିକ ବିବରଣୀ ପାଠକରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ସୁଶାନ୍ତ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଶ୍ରମ ପକ୍ଷରୁ ସତ୍ୟରଞ୍ଜନ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ ପୃଷ୍ଟି ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଶ୍ରୀନିବାସ ଘଟୁଆରି ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ସସ୍ମିତା ନାୟକ, ପ୍ରତିମା ମଞ୍ଜରୀ ସାହୁ, ହରିହର ସାହୁ, ବାଞ୍ଛାନିଧି ସାହୁ, ମାଧବାନନ୍ଦ ପୃଷ୍ଟି, ସୁରେଶ ଚନ୍ଦ୍ର ମହାନ୍ତି ଓ ରମେଶ ଚନ୍ଦ୍ର ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ଓ ଶିଶୁଙ୍କୁ ନେଇ କୁଇଜ୍, ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭୁ ପ୍ରସାଦ ପୃଷ୍ଟି, ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ଶ୍ୟାମସୁନ୍ଦର ପୃଷ୍ଟି ଓ ସାନ୍ତାସୌମ୍ୟକାନ୍ତ ଦାସ ପ୍ରମୁଖଙ୍କୁ ପ୍ରତିଯୋଗିତାରେ କୃତିତ୍ୱ ପାଇଁ ସାର୍ଟିଫିକେଟ ସହ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


ସମାରୋହରେ ଉପସ୍ଥିତ ଅତିଥି।

# ଦୁଇ ମାସର ପୁଅକୁ ମାରିଲା ମା'

**ଦମ୍ପତିଙ୍କ ଘରୋଇ କଳିର ଦୁଃଖଦ ପରିଣତି**

କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ, ୩।୧ (ଡି.ଏନ.ଏ.)

ମାର୍ଶାଘାଇ ଥାନା କାନପୁର ଗାଁରେ ରବିବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଘରୋଇ କଳିରୁ ୨ ମାସର ଶିଶୁପୁତ୍ରକୁ ମା' ମାରି ଅବ୍ୟବହୃତ କୂଅରେ ପକାଇ ଦେଇଛି। ଖବରପାଇ ସୋମବାର ପୋଲିସ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ ଶିଶୁ ମୃତଦେହକୁ ପଥର ବନ୍ଧା ଅବସ୍ଥାରେ କୂଅରୁ ବାହାର କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମା' ଓ ବାପାଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

କାନପୁର ଗାଁର ସତ୍ୟରଞ୍ଜନ ପରିଡ଼ା ପାଟକୁରା ଥାନା ମାଣିକପୁର ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦୁଇବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଆର୍ଥିକ ପରିସ୍ଥିତିକୁ ନେଇ ଦମ୍ପତିଙ୍କର ବହୁ ସମୟରେ କଳି ହେଉଥିଲା। ଦୁଇମାସ ପୂର୍ବେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଦୁଇଦିନ ତଳେ ଘରୋଇ କଳିକୁ ନେଇ ଲକ୍ଷ୍ମୀପ୍ରିୟା ବାପଘରକୁ ଚାଲି ଯାଇଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ଭାଇ କଳି ସମାଧାନ କରି ତାଙ୍କୁ ଶ୍ୱଶୁର ଘରେ ଛାଡି ଦେଇ ଯାଇଥିଲେ। ରବିବାର ରାତି ପ୍ରାୟ ୨ଟାରେ ଲକ୍ଷ୍ମୀପ୍ରିୟା ପୁଅ ନ ଥିବା କହି ଚିତ୍କାର କରିଥିଲେ। ପରେ ଗ୍ରାମବାସୀ ଘଟଣାସ୍ଥଳକୁ ଆସି ଖୋଜାଖୋଜି ପରେ ମଧ୍ୟ ପୁଅର ପତ୍ତା ପାଇ ନ ଥିଲେ। ସତ୍ୟରଞ୍ଜନ ଏ ସମ୍ପର୍କରେ ଖୋଳତାଡ କରିବାରୁ ଲକ୍ଷ୍ମୀପ୍ରିୟା ସତ ମାନି ଯାଇଥିଲେ। ସେ ଶିଶୁପୁତ୍ରକୁ ଶ୍ୱାସରୁଦ୍ଧ କରି ମାରିବା ପରେ ଘର ନିକଟସ୍ଥ ଅବ୍ୟବହୃତ କୂଅରେ ଫୋପାଡି ଥିବା କହିଥିଲେ। ଏ ନେଇ ଥାନାରେ ଦଫା ୩୦୨ରେ ନଂ. ୩/୨୨ରେ ମାମଲା ରୁଜୁ ହୋଇଛି। ଆଇଆଇସି ପି. କେ. କାନୁନ୍‌ଗୋ ଘଟଣାର ତଦନ୍ତ କରୁଛନ୍ତି।

# ପ୍ରତିଷ୍ଠା ହେବ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତି

ବରୀ,୩।୧(ଡି.ଏନ.ଏ.)



ଯାଜପୁର ଜିଲାରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଏକ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଚିଠି ଯୋଗେ ଅବଗତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭାଗୀୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩।୧୮।୨୦୨୧ରେ ପ୍ରତିମୂର୍ତ୍ତି ଚୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ତେଣୁ ଜିଲାପାଳ ଅଭିମନ୍ୟୁଙ୍କ ୩ଟି ଫଟୋ ବିଭାଗ ନିକଟକୁ ପଠାଇବେ। ଏହି ଫଟୋକୁ ପରବର୍ତ୍ତୀ ସମୟରେ ପ୍ରତିମୂର୍ତ୍ତି ନିର୍ମାଣକାରୀ ସଂସ୍ଥାକୁ ପଠାଯିବ। ଏତଦ୍‌ବ୍ୟତୀତ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ସୂଚନାଥାଉକି, "କରମଙ୍ଗା ଗଛ ଛାଇଗୋ, ମୋର ହୁଁ ଗୋ। କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋର ହୁଁ ଗୋ"। ଏହା ଥିଲା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରଥମ କବିତା। ଓଡ଼ିଶାର ଘରେଘରେ ଏହି ପଂକ୍ତିଟି ପରିଚିତ। ତେବେ କବିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିମନ୍ତେ ସରକାରୀସ୍ତରରେ ନିଷ୍ପତ୍ତି ହେଉଥିବାରୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଅନ୍ୟପକ୍ଷରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବିଭାଗ ନିକଟରେ ବିଧାୟିକା ସୁନନ୍ଦା ଦାସ ନିବେଦନ କରିଥିଲେ। ଏବେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏହା ତାଙ୍କ କର୍ମନିପୁଣତାର ପରିଚୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଗୋପୀନାଥ ଜୀଉ କ୍ରିକେଟ: ରାଣୀଗୋଡ଼ା ଚାମ୍ପିୟନ

ପାଣିକୋଇଲି,୩।୧(ଡି.ଏନ.ଏ.)

ପଥରପଦା ପଞ୍ଚାୟତ ଅଧୀନ ଓଟିନ୍ଦା ଗ୍ରାମରେ ୨୭ତମ ଗୋପୀନାଥ ଜୀଉ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଣୀଗୋଡ଼ା ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ୮ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ୬ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ସୋତି ବନାମ ବାରଦା ମଧ୍ୟରେ ମ୍ୟାଚ ହୋଇଥିଲା। ବାରଦା ଟସ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ସୋତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ବାରଦା ୧୦ ଓଭରରେ ୫ ଉଇକେଟ ହରାଇ ୧୧୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରାଣୀଗୋଡା ଓ ପଣ୍ଡୁଲା ମଧ୍ୟରେ ହୋଇଥିଲା। ପଣ୍ଡୁଲା ଟସ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ରାଣୀଗୋଡ଼ା ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ପଣ୍ଡୁଲା ୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ କରି ପରାଜୟ ବରଣ କରିଥିଲା। ଫାଇନାଲ ମ୍ୟାଚ ବାରଦା ବନାମ ରାଣୀଗୋଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରଦା ଟସ ଜିଣି ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ରାଣୀଗୋଡ଼ା ୮.୩ ଓଭରରେ ୫ ଉଇକେଟ ହରାଇ ୧୨୦ ରନ କରି ଚାମ୍ପିୟନ ହୋଇଥିଲା।

ମ୍ୟାଚକୁ ଶୁଭକାନ୍ତ ପାତ୍ର, ଅରୁଣ ଆରଣ, ମନୋରଞ୍ଜନ ସାମଲ ପରିଚାଳନା କରିଥିଲେ। ପରମେଶ୍ୱର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରରଭାବେ ରଞ୍ଜନ ଖୁଣ୍ଟିଆ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟର ବିକାଶ ଦାଶ, ସାମାଜିକ କର୍ମୀ ସନ୍ତୋଷ ବେହେରା, ଖବରଦାତା ସୁବାସ ଧଳ, ସରପଞ୍ଚ ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ପୁରସ୍କୃତ କରିଥିଲେ। ସତୀଶ ଧଳ, ଆଲୋକ ବେହେରା, ଶିବପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତି ସାମଲ, ଶ୍ରୀପତି ପୁରୀ, ଜିତେନ୍ଦ୍ର ଭାରତୀ ଓ ଅମୂଲ୍ୟ ମଲ୍ଲିକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ସାହିତ୍ୟ, କବିତାରେ ସାମାଜିକ ପରିବର୍ତ୍ତନ ହେବ

ରାହାମା,୩।୧(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ତେରମାଣପୁରସ୍ଥିତ ଶ୍ରୀ ନୃସିଂହ ଠାକୁର ମନ୍ଦିର ପରିସରରେ ଥିବା ମାଟିଘର ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କ୍ଷୀରୋଦ ଓଝା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସଦସ୍ୟ ଜୀବନାନନ୍ଦ ଅଧିକାରୀ ଯୋଗଦେଇ ସାହିତ୍ୟ ଓ କବିତାରେ ସାମାଜିକ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ତିର୍ତ୍ତୋଲ କଲେଜ ଅଧ୍ୟାପକ ଡ. ଅଶୋକ କୁମାର ରାଉତ, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ପ୍ରଭାତ ସେଠୀ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଓ ପ୍ରହ୍ଲାଦ ସ୍ୱାଇଁ ଉପସ୍ଥିତ ଥିଲେ। ଆଇନଜୀବୀ ଟୁକନ ଚରଣ ସେଠୀ, ପ୍ରଶାନ୍ତ କୁମାର ଦାସ, ସଂଯୁକ୍ତା ସାହୁ, ଗୀତା ଦାସ, ବିନୋଦ ମୁଦୁଲି, ବିଭୂତି ଭୂଷଣ ଦାସ ଓ ଅଶୋକ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। ସମ୍ପାଦକ ବିଷ୍ଣୁପ୍ରସାଦ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଅଧିକାରୀ ରମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ଜୁଭେନାଇଲ କ୍ରିକେଟ୍ କ୍ଲବ ଚାମ୍ପିୟନ

ଜଗତ୍‌ସିଂହପୁର ଅଫିସ, ୩।୧

**ଯୁଗଜ୍ୟୋତି କ୍ରିକେଟ୍ ଟୁର୍ନାମେଣ୍ଟ**

ଜଗତ୍‌ସିଂହପୁର ନବାପାଟଣାସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମରେ ଯୁଗଜ୍ୟୋତି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂକୁ ହରାଇ କଟକର ଜୁଭେନାଇଲ କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଛି। ଜୁଭେନାଇଲ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୧୬୩ ରନ୍ ସଂଗ୍ରହ କରିଥିଲା। କ୍ରାଉନ ସ୍ପୋର୍ଟିଂ ୨୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଜୁଭେନାଇଲ୍‌ର ଜଗନ୍ନାଥ ଗୋଟା ୪ ଓଭରରେ ୩ ଉଇକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ, ଦେବରାଜ କର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍, ନିଲୁ ପ୍ରଧାନ ଶ୍ରେଷ୍ଠ ବୋଲର ଓ ଶୁଭ୍ରାଂଶୁ ମହାନ୍ତି ଶ୍ରେଷ୍ଠ ଫିଲ୍ଡର ଭାବେ ସମ୍ମାନିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଦଳ ସଭାପତି ରାଜକିଶୋର ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସାଗର ନନ୍ଦ, ହେମନ୍ତ ରଥ, ଦେବୀ ପ୍ରସାଦ ତ୍ରିପାଠୀ, ସାହିତ୍ୟିକ ବିଷ୍ଣୁଚରଣ ସାହୁ, ରାକେଶ ଦାସ, ଉପଦେଷ୍ଟା ଶରତ ଚନ୍ଦ୍ର ବେହେରା ଓ ସମ୍ପାଦକ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ପଣ୍ଡା, ଭରତ ଚନ୍ଦ୍ର ସାହୁ ଓ ପ୍ରଫୁଲ୍ଲ ଦାସ ମଞ୍ଚ ପରିଚାଳନା କରିଥିଲେ।


ବିଜୟୀ ଦଳକୁ ଅତିଥି ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜାନୁୟାରୀ, ୨୦୨୨

**ଡିଏଚ୍‌ଏଚ୍‌ର ପାଥୋଲୋଜି ମେଶିନ ଖରାପ, ରୋଗୀ ଫେରିଲେ**

ନୟାଗଡ଼ ଅଫିସ: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ର ପାଥୋଲୋଜି ମେଶିନ୍ ଖରାପ ହୋଇଯାଇଛି। ମଳ, ମୂତ୍ର ଓ ରକ୍ତ ପରୀକ୍ଷଣ କରିବାକୁ ଆସିଥିବା ରୋଗୀ ସୋମବାର ଫେରି ଯାଉଛନ୍ତି। ତୁରନ୍ତ ଏହାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### କୁକୁଡ଼ା ଫସଲ ନଷ୍ଟ କରିବାକୁ ନେଇ ମାମଲା

**ନୟାଗଡ଼ ଅଫିସ,୩।୧:** ଗୋଡିପଡା ଫାଣ୍ଡି ଭାଲିଆଡିହି ତୋଟାସାହିରେ କୁକୁଡା ଫସଲ ନଷ୍ଟ କରିବାକୁ ନେଇ ଶରଣକୁଳ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ପ୍ରତିମା ନାୟକ ଅଭିଯୋଗ କରିଛନ୍ତି ସୁରେଶ ନାୟକଙ୍କ କୁକୁଡା ତାଙ୍କ ଫସଲ ନଷ୍ଟ କରୁଛି। ପ୍ରତିବାଦ କରିବାରୁ ସୁରେଶ ମାରପିଟ୍ କରୁଛନ୍ତି। ଅଭିଯୋଗ ପରେ ପୋଲିସ ନଂ. ୧/୨୨ରେ ମାମଲା ରୁଜୁ କରିଛି। ସେହିପରି ସୁରେଶଙ୍କ ଅଭିଯୋଗ ଅନୁସାରେ ନଂ. ୨/୨୨ରେ ଅନୁରୂପ ମାମଲା ରୁଜୁ ହୋଇଛି। କୁକୁଡା ଫସଲ ନଷ୍ଟ କରିବା ପରେ ପାଟତୁଣ୍ଡ କରି ପ୍ରତିମା ମାରପିଟ୍ କରିଛନ୍ତି ବୋଲି ସୁରେଶ ଅଭିଯୋଗ କରିଛନ୍ତି।

### ଯୁବକ ଶୋଇଥିବାବେଳେ ମୃତ୍ୟୁ

**ନୟାଗଡ଼ ଅଫିସ,୩।୧:** ନୟାଗଡ଼ ଜିଲା ଡିମିଶର ଗାଁରେ ଅଶୋକ ମହରଣା (୨୪) ରବିବାର ରାତିରେ ଖାଇପିଇ ଶୋଇ ସକାଳେ ଆଉ ଉଠି ନ ଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସୋମବାର ପୂର୍ବାହ୍ନରେ ମୃତ ଘୋଷଣା କରିଥିଲେ। ଶରଣକୁଳ ପୋଲିସ ନଂ.୧/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

### ପୋଖରୀକୁ ଖସିଲା ପରିବା ଗାଡ଼ି

**ଆସିକା,୩।୧(ଡି.ଏନ୍.ଏ.):** ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଦେବଭୂମି ଛକ ନିକଟ ରାସ୍ତାପାର୍ଶ୍ୱ ପୋଖରୀକୁ ରବିବାର ରାତିରେ ପରିବା ବୋଝେଇ ପିକ୍‌ଅପ ଭ୍ୟାନ ଖସିପଡିଥିଲା । ତେବେ ଗାଡିର ଚାଳକ କାଚ ଭାଙ୍ଗି ବାହାରକୁ ପଳାଇ ଆସିଥିଲେ। ପରିବା ଗାଡ଼ିଟି ଜି.ଉଦୟଗିରିରୁ ହିଞ୍ଜିଳିକାଟୁ ଆସୁଥିଲା ବେଳେ କୁହୁଡିରେ ଚାଳକ ରାସ୍ତା ଜାଣି ନ ପାରିବାରୁ ଏହି ଦୁର୍ଘଟଣା ଘଟିଛି।

### ମିଡିଆକିଆ ୬ନଂ. ୱାର୍ଡ ଅଣସଂରକ୍ଷଣ ଦାବି

**ଫୁଲବାଣୀ ଅଫିସ, ୩।୧:** ବାଲିଗୁଡା ବ୍ଲକ ମିଡିଆକିଆ ପଞ୍ଚାୟତର ୬ନଂ. ୱାର୍ଡସଭ୍ୟ ପଦବୀକୁ ଚଳିତଥର ସଂରକ୍ଷିତ ରଖାଯାଇଛି। ସଂରକ୍ଷିତ ପଦବୀଟି ଏସ୍‌ଟି ବର୍ଗଙ୍କ ଲାଗି ଉର୍ଦ୍ଦିଷ୍ଟ କରାଯାଇଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। କାରଣ ଏହି ୱାର୍ଡରେ ଆଦୌ ଆଦିବାସୀ ପରିବାର ନାହାନ୍ତି। ତେଣୁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

### ଆଜିଠୁ ମାଟ୍ରିକ୍ ଏସ୍‌ଏ-୧ ପରୀକ୍ଷା

**ଟିକିଟି,୩।୧(ଡି.ଏନ୍.ଏ.):** ମାଟ୍ରିକ୍‌ର ସମେଟିଭ୍ ଏସେସ୍‌ମେଣ୍ଟ (ଏସ୍‌ଏ-୧) ପରୀକ୍ଷା ଜାନୁୟାରୀ ୫ ରେ ହେବ। ଟିକିଟି ବ୍ଲକର ୨୨ ଉଚ୍ଚବିଦ୍ୟାଳୟ ମଧ୍ୟରୁ ୯ ଟି ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିବା ଟିକିଟି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା କହିଛନ୍ତି। ୯ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୮୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିମଧ୍ୟରୁ ରେଗୁଲାର ଛାତ୍ରୀଛାତ୍ର ୧୭୪୩ ଜଣ ହୋଇଥିବା ବେଳେ ଏକ୍ସରେଗୁଲାର ୭୯ଜଣ ଅଛନ୍ତି। ପ୍ରତ୍ୟେକ ଦିନ ସକାଳ ୧୦-୧୧ ଓ ୧୨-୧ ପର୍ଯ୍ୟନ୍ତ ୨ଟି ସିଟିଂରେ ପରୀକ୍ଷା ଦେବେ। ପ୍ରଶ୍ନପତ୍ରଗୁଡିକୁ ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ପାଇଁ ଗୋଟିଏ ସେଣ୍ଟର ଅର୍ଥାତ ଟିକିଟିଗଡ ସ୍ଥିତ ରାଜକବି ରାଧାମୋହନ ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯାଇଛି।

# ପାଠପଢ଼ା ବୟସରେ ରୋଜଗାର କରୁଛନ୍ତି

**ନୟାଗଡ଼ ଅଫିସ,୩।୧**

ନୟାଗଡ଼ ସହରରେ ଶିଶୁ ଶ୍ରମିକମାନେ ଘୂରି ବୁଲୁଛନ୍ତି। କେଉଁଠି ଭିକ୍ଷାବୃତ୍ତିରେ ନିୟୋଜିତ ତ ଆଉ କେଉଁଠାରେ ରୋଜଗାର ପାଇଁ ସଂଗ୍ରାମ କରିବାକୁ ପଡୁଛି। ଏମାନଙ୍କୁ କାମରେ ନିୟୋଜନ କରିବା ଏକ ଦଣ୍ଡନୀୟ ଅପରାଧ। ହେଲେ ଏମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଶୀତଳଭଣ୍ଡାରରେ ରହିଯାଇଛି। ବୁଝୁବୁଝୁ ଜଣାପଡିଥିଲା ଏମାନେ ଶିକ୍ଷା ପାଇଁ ନୁହେଁ ପେଟ ପାଇଁ ସଂଗ୍ରାମ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି। ଏଥିପ୍ରତି ସରକାରୀ ଅଧିକାରୀ ଓ ନେତାଙ୍କର ଧ୍ୟାନ ନାହିଁ। କାଗଜକଲମର ରିପୋର୍ଟକୁ ନେଇ ସମସ୍ତେ ଖୁସି ହେଉଥିବାବେଳେ ଦିନକୁଦିନ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିଚାଲିଛି। ଶିଶୁମାନଙ୍କର ସମସ୍ୟାକୁ ଅନୁଧ୍ୟାନ କଲେ ଶିଶୁ ଶ୍ରମିକ ଉଚ୍ଛେଦ ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ ସ୍ଲୋଗାନ ନୟାଗଡ ସହରରେ ମଧ୍ୟ ଅର୍ଥ ହୀନ ହୋଇପଡିଛି।

ଶିଶୁମାନଙ୍କ ପାଇଁ ଜିଲାରେ ସର୍ବଶିକ୍ଷା ଅଭିଯାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ ଓ ବିଭନ୍ନ ପ୍ରକାରର ଏନ୍‌ଜିଓ କାମ କରୁଛି। ସରକାରଙ୍କ ପକ୍ଷରୁ ଶିକ୍ଷାର ପ୍ରସାର ନିମନ୍ତେ ବିଭିନ୍ନ ସାକ୍ଷରତା କାର୍ଯ୍ୟକ୍ରମ ଚାଲିଛି। କେତେଜଣ

**ପେଟ ପାଇଁ ସଂଗ୍ରାମ**
- ଅପହଞ୍ଚ ସରକାରୀ ଯୋଜନା

ବିଭାଗୀୟ ଅଧିକାରୀଙ୍କ ଅବହେଳା, ଆନ୍ତରିକତା ଅଭାବ ତଥା ଦୁର୍ନୀତିଖୋର ମନୋଭାବ ଯୋଗୁ ଜିଲାରେ ଚାଲିଥିବା ଜାତୀୟ ତଥା ରାଜ୍ୟସ୍ତରୀୟ ବିଦ୍ୟାଳୟ ଚାଲ ଅଭିଯାନ ଫେଲ ମାରିଛି। ଏଣୁ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବାକୁ ଯେଉଁ ଅର୍ଥ ଖର୍ଚ୍ଚ କରାଯାଉଛି ତାହା ପାଣିରେ ପଡୁଛି। ଫଳରେ ଏ ସମସ୍ୟା ସରକାରଙ୍କର ବାଳ ଶ୍ରମିକ ଯୋଜନାକୁ ଉପହାସ କରୁଛି। ଏହା ସମାଜ ବିକାଶରେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ନୟାଗଡ଼ ସହର ସମେତ ଜିଲାର ବିଭିନ୍ନ ହୋଟେଲ, ଢାବା, ଦୋକାନ, ଗ୍ୟାରେଜରେ ଶିଶୁ ଶ୍ରମିକମାନଙ୍କୁ ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟ ସମସ୍ତେ ଉପଭୋଗ କରୁଥିଲେ ମଧ୍ୟ କେହି ହେଲେ ବି ପ୍ରତିବାଦ କରୁନାହାନ୍ତି। ଏଭଳି କ୍ଷେତ୍ରରେ ଜିଲାର ୮ ବ୍ଲକ ଓ ୪ ସହରାଞ୍ଚଳରେ ବିଦ୍ୟାଳୟ ଚାଲ ଅଭିଯାନ କେତେଦୂର କାର୍ଯ୍ୟରେ ଲାଗିଛି ତାହା କାର୍ଯ୍ୟରତ ଶିଶୁ ଶ୍ରମିକମାନଙ୍କୁ ଦେଖିବା ପରେ ଜଣାପଡିଛି। ତଥାପି ଜିଲାରେ ସବୁ କିଛି ଠିକ୍ ଠାକ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଏ ନେଇ ନୟାଗଡ଼ ସହରରେ ବୁଲୁଥିବା ୧୧ ବର୍ଷିୟା ଜଣେ ବାଳିକା କୁହନ୍ତି, ପାଠପଢ଼ା ମୋ ପାଇଁ ସ୍ୱପ୍ନ ପାଲଟିଛି। ରୋଜଗାର ନ କଲେ ପେଟ ଭୋକିଲା ରହିବ। ଏଣୁ ମୋ ପରି ଝିଅ ପିଲାକୁ କିଏ କାମ ଦେବ। ଏଣୁ ଭିକ୍ଷା ବୃତ୍ତି କରିବା ସୁବିଧା ହେଉଛି। ନୟାଗଡ଼ର ଏକ ହୋଟେଲରେ କାମ କରୁଥିବା ଜଣେ ୧୨ ବର୍ଷର ବାଳକ କୁହନ୍ତି, ୯ ବର୍ଷ ବୟସରୁ କାମ କରି ଆସୁଛି। ପାଠ ଆଦୌ ପଢ଼ିନି। ମୋର କେବଳ ମା' ଅଛି। ମୁଁ ଓ ମା ଯାହା ରୋଜଗାର କରୁ ସେଥିରେ ଚଳୁ ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ରଙ୍କୁ ପଚାରିବାରେ ଜିଲାରେ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି। ତେବେ ଶିଶୁ ଶ୍ରମିକଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବ୍ୟାଙ୍କରେ ଏଟିଏମ୍ କାଉଣ୍ଟର ଖୋଲିବାକୁ ଦାବି

**ଖଣ୍ଡପଡା,୩।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ କୋସକା ପଞ୍ଚାୟତ ସମେତ ଆଖପାଖ ବଳଭଦ୍ର ପ୍ରସାଦ, କୁମ୍ଭାରପଡା, ରୟତ ଢୋଲମରା ପଞ୍ଚାୟତବାସୀଙ୍କୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ସେବା ଯୋଗାଇ ଆସୁଛି। ଉକ୍ତ ଶାଖା ଅଧୀନରେ ହଜାର ହଜାର ଗ୍ରାହକ ଥିବା ବେଳେ ଛୁଟି ସମୟରେ ଓ ଜରୁରିକାଳୀନ ପରିସ୍ଥିତିରେ ଟଙ୍କା ଉଠାଣ ନିମନ୍ତେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ୟାଙ୍କ ଶାଖା ପରିସରରେ ଏକ ଏଟିଏମ୍ କାଉଣ୍ଟର ସ୍ଥାପନ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ। ଏଥିପ୍ରତି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଖଣ୍ଡପଡ଼ା ଥାନାରେ ୨୮୨ ମାମଲା ରୁଜୁ

**ଖଣ୍ଡପଡ଼ା,୩।୧(ସ୍ୱ.ପ୍ର)**

୨୦୨୧ରେ ଖଣ୍ଡପଡା ଥାନାରେ ବିଭିନ୍ନ ଆପତ୍ତି, ଅଭିଯୋଗକୁ ଆଧାର କରି ୨୮୨ଟି ମାମଲା ରୁଜୁ ହୋଇଥିଲା। ବିଗତ ବର୍ଷଗୁଡ଼ିକ ତୁଳନାରେ ଗତବର୍ଷ ସର୍ବାଧିକ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ।

## ୨ ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ପାଣୁସାହୁପାଟଣା ଗାଁର ମେଜର ରାଜ କିଶୋର ସାହୁଙ୍କ ଏକମାତ୍ର ଭିନ୍ନକ୍ଷମ ପୁତ୍ର ତେଜସ(୩୨)ର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେହିପରି କଣ୍ଟିଲୋ ସେବକ ସାହ ପାଟଣାର ଜନୈକ ଭିନ୍ନକ୍ଷମ ନୀଳମାଧବ ଜୀଉଙ୍କ ପୂଜାରୀ ସୁରେନ୍ଦ୍ର ନାଥ ମିଶ୍ର(୩୮)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର ନୀଳମାଧବ ଜୀଉଙ୍କ ରାଶ ପଞ୍ଚକ ପରିବେଷଣ ଓ ପାରମ୍ପରିକ ନାଟ୍ୟ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ।

# ଏନ୍‌ଏସି କାର୍ଯ୍ୟାଳୟରେ ମହିଳା ତାଲା ପକାଇଲେ



ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସୋମବାର ତାଲା ପକାଇ ଦେଇଛନ୍ତି।

**ଦଶପଲ୍ଲା,୩।୧(ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସି ୧୩ ନଂ. ୱାର୍ଡର ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ଆରମ୍ଭ ହୋଇଛି। ଏ ନେଇ ସୋମବାର ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ସଦସ୍ୟାଙ୍କ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ଫଳରେ କିଛି ସମୟ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ୧୩ ନଂ. ୱାର୍ଡ଼ ନିମନ୍ତେ ମିଶନ ଶକ୍ତି ଗୃହ ନିର୍ମାଣ ନିମନ୍ତେ ଏନ୍‌ଏସି କାର୍ଯ୍ୟାଳୟ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଉକ୍ତ ୱାର୍ଡର କେତେଗୋଟି ମହିଳା ଗୋଷ୍ଠୀଙ୍କ ଅଜାଣତରେ ଏବଂ ବିନା ଆଲୋଚନାରେ କିପରି ସ୍ଥାନ ନିରୂପଣ କରାଗଲା ସେହି ପ୍ରଶ୍ନ କରି ସଦସ୍ୟାମାନେ କାର୍ଯ୍ୟାଳୟକୁ ଆସି କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତ ଥିବାରୁ ମିଶନ ଶକ୍ତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ କାର୍ଯ୍ୟାଳୟ ସମ୍ମୁଖ ଗେଟକୁ ତାଲା ପକାଇ ସମବେତ ହୋଇଥିଲେ। ବିଭିନ୍ନ ସଭା ଏବଂ ମିଟିଂ ବେଳେ ଆମକୁ ଫୋନ କରି ଡକାଯାଉଥିଲା ଅଥଚ ଘର ନିର୍ମାଣ ପାଇଁ କାହିଁକି ଡକାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ କିଛି ସମୟ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଗୋଷ୍ଠୀର ସଦସ୍ୟାଙ୍କୁ ବୁଝାସୁଝା କରିବା ପରେ ତାଲା ଖୋଲିଥିଲା। ମହିଳା ଗୋଷ୍ଠୀ ଏହାର ପ୍ରତିକାର ପାଇଁ ଏକ ଲିଖିତ ଅଭିଯୋଗ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଦେଇଥିଲେ। ଆଲୋଚନା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପରେ ମହିଳା ଗୋଷ୍ଠୀର ସଦସ୍ୟାମାନେ ଶାନ୍ତ ହୋଇ ଫେରିଥିଲେ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଦଶପଲ୍ଲା ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି।

# ବ୍ଲକ ଅଧ୍ୟକ୍ଷଙ୍କ ନାମରେ ଜାତିଆଣ ଆକ୍ଷେପ ଅଭିଯୋଗ

**ନୟାଗଡ଼ ଅଫିସ,୩।୧**

ଭାପୁର ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡା, ଜଣେ ସମିତିସଭ୍ୟଙ୍କ ସ୍ୱାମୀ ଓ ଗାଁ ସାଥୀଙ୍କ ନାମରେ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମାମଲା ରୁଜୁ ହୋଇ ନ ଥିବା ଫତେଗଡ ଆଇଆଇସି ଗିରିଜା ପଟ୍ଟନାୟକ କହିଛନ୍ତି।

ଅଭିଯୋଗ ଅନୁସାରେ, ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଦଭୁଇଁ ଗାଁର ସୁଦାମ ନାୟକଙ୍କ ନାଁରେ ୧ ଲକ୍ଷ ୩୦ ଆସିଥିଲା। ସୁଦାମ ଗୃହ ନିର୍ମାଣ କରି ସାରିଥିବା ୱେବସାଇଟରେ ଦର୍ଶାଯାଇଛି। ସେହିପରି ଘର ଓ ହିତାଧିକାରୀଙ୍କ ଫଟୋ ରହିଛି କିନ୍ତୁ ସୁଦାମ ଘର ପାଇନାହାନ୍ତି। ଏ ନେଇ ସୁଦାମ ବ୍ଲକ ଅଧ୍ୟକ୍ଷଙ୍କ ସମେତ ୩ ଜଣଙ୍କୁ ପଚାରିବାରୁ ସେମାନେ ଜାତିଆଣ ଆକ୍ଷେପ କରିଥିଲେ। ଏପରି କି ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ରହିଛି। ଏ ନେଇ ବ୍ଲକ ଅଧ୍ୟକ୍ଷ ପରିଡାଙ୍କୁ ପଚାରିବାରେ କୌଣସି ସୁଦାମ ନାୟକଙ୍କୁ ଚିହ୍ନିନି କି ଜାଣିନାହିଁ। ମୋ ନାମରେ ମିଥ୍ୟା ଅଭିଯୋଗ ଅଣାଯାଇଛି। କାହାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ କରିବା ମୋ ଦାୟିତ୍ୱ ନୁହେଁ। ପ୍ରଶାସନ ତାର କାମ କରୁଛି। ଅଯଥାରେ ମୋତେ ବଦନମ କରିବାକୁ ଏଭଳି ଅଭିଯୋଗ ଆସିଛି ବୋଲି ସେ କହିଛନ୍ତି। ସେହିପରି ଗାଁ ସାଥୀ ଫୋନ ରିସିଭ କରି ନ ଥିବାବେଳେ ସମିତିସଭ୍ୟଙ୍କ ସ୍ୱାମୀଙ୍କ ଫୋନ୍ ସୁଇଚ ଅପ ଥିଲା।

# କବିସୂର୍ଯ୍ୟ ପାଠାଗାର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ଖଣ୍ଡପଡ଼ା,୩।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ସାହିସ୍ଥିତ କବିସୂର୍ଯ୍ୟ ପାଠାଗାରର ୪୭ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକୋତ୍ସବ ଅବସରରେ ଦିନରେ ସ୍ୱାସ୍ଥ୍ୟ ଶିବିର ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା, ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ପ୍ରହ୍ଲାଦ ବେହୁରୁକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଣ୍ଡପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସୂର୍ଯ୍ୟମଣି ରଣା, ସମ୍ମାନିତ ଅତିଥି ଭାବେ ଡା. ନିର୍ମଳ ମହାକୁଡ଼, ସରପଞ୍ଚ ପ୍ରଦୀପ କୁମାର କର, ଜୟକୃଷ୍ଣ ବେହେରା, ସତ୍ୟ ନାରାୟଣ ଷଡଙ୍ଗୀ, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବକମାନେ ଶିକ୍ଷା ମାଧ୍ୟମରେ ଉତ୍କର୍ଷ ଲାଭ କରି ଗାଁର ଟେକ ରଖିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ, ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଗ୍ରାମର କୁନି କଳାକାରମାନଙ୍କୁ ନେଇ ଉଦ୍ୟନାଥ ଦାସ ଓ ପବିତ୍ର ରଣାଙ୍କ ନିର୍ଦ୍ଦେଶନାରେ ନୃତ୍ୟନାଟିକା କୃଷ୍ଣ ଓ ସୁଦାମା ପରିବେଷଣ କରାଯାଇଥିଲା। ଶେଷରେ ସାହି ସଭାପତି ସତ୍ୟବାଦୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପାଠାଗାର ସଦସ୍ୟ ସତ୍ୟବାଦୀ ବେହୁରୁକ, ଦୁର୍ଯ୍ୟୋଧନ ରାଉତ, ଯୋଗୀନାଥ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସହାୟତା ରାଶି ମିଳିବାରେ ବିଳମ୍ବ ନେଇ ଆଶା କର୍ମୀଙ୍କ ବିକ୍ଷୋଭ

**ଶେରଗଡ଼,୩।୧(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକର ଆଶାକର୍ମୀଙ୍କ ମାସିକ ସହାୟତା ରାଶି ପ୍ରଦାନରେ ବିଳମ୍ବ ନେଇ ସୋମବାର ବିକ୍ଷୋଭ କରାଯାଇଛି। ବ୍ଲକର ଆଶାକର୍ମୀ ମାସିକ ସହାୟତା ରାଶି ଭାବେ ୩୫୦୦ ଟଙ୍କା ପାଇ ଆସୁଛନ୍ତି। ବ୍ଲକର ୧୦୦ ଆଶା ଥିବାବେଳେ ସେମାନଙ୍କ ମାସିକ ସହାୟତା ରାଶି ଠିକ୍ ସମୟରେ ଗତ କିଛିମାସ ହେଲା ପ୍ରଦାନ କରିବାରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ବିଳମ୍ବ କରୁଛନ୍ତି। ଫଳରେ ଆଶା କର୍ମୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏଣୁ ଉକ୍ତ ସହାୟତା ରାଶି ଠିକ ସମୟରେ ପ୍ରଦାନ, ଅନ୍ୟାନ୍ୟ ସୁବିଧା ସୁଯୋଗ ଠିକ ସମୟରେ ପ୍ରଦାନ କରିବାକୁ ୫୦ ଜଣ ଆଶାକର୍ମୀ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ କରିଥିଲେ। ଏବଂ ଏ ଦିଗରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦୃଷ୍ଟି ଦେବାକୁ ଦାବି କରିଥିଲେ। ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ଶାନୁ ଦେବୀ ପହଞ୍ଚି ହିସାବ ରକ୍ଷକ ଭୈରବ ପ୍ରଧାନଙ୍କୁ ଡକାଇ ଆଶାକର୍ମୀଙ୍କୁ ଶୀଘ୍ର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ପରେ ବିକ୍ଷୋଭ ହଟିଥିଲା।

# ୧ ଲକ୍ଷ ୩୭ ହଜାର ଲୁଟ୍ ଟଙ୍କା ଜବତ

**ନୟାଗଡ଼ ଅଫିସ,୩।୧**

**୨ ଅଭିଯୁକ୍ତ ଜେଲ ଗଲେ**

ନୟାଗଡ଼ ଜିଲା ଇଟାମାଟି ପୋଲିସ ଲୁଟ ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଗଞ୍ଜାମ ଜିଲା ଆସ୍କା ଥାନା କରଚୁଲି ଗାଁର ଦାସ ଯୋଗା(୬୦) ଓ ଜଗତ୍‌ସିଂହପୁର ଟାଉନ ଥାନା ଖିରବାଟି ଗାଁର ପ୍ରମୋଦ ଦାଶ(୪୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ଦୁଇ ଜଣଙ୍କଠାରୁ ଲୁଟ୍ ଟଙ୍କା ୧ଲକ୍ଷ ୩୭ ହଜାର ଟଙ୍କା ଜବତ ହୋଇଛି। ଇଟାମାଟି ଥାନା ଅଧିକାରୀ ରମେଶ ଦେବତାଙ୍କ ସୂଚନା ଅନୁସାରେ, ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଗୋପୀନାଥପୁର ଗାଁର ମଦନ ମୋହନ ସାହୁ ଡିସେମ୍ବର ୨୭ ରେ ଇଟାମାଟି ଥାନା ଲାଠିପଡାରୁ ନିଜ ଗାଁକୁ ଯାଉଥିଲେ। ଦୁଇଜଣ ଅଜଣା ଯୁବକ ତାଙ୍କ ବାଇକ୍‌କୁ ପିଛା କରି କେନ୍ଦୁଡ଼ିପିର ଡି.ଜେ. ହାଇସ୍କୁଲ ନିକଟରେ ବନ୍ଧୁକ ଦେଖାଇ ମାରପିଟ୍ କରି ବ୍ୟାଗ ସହ ୨ ଲକ୍ଷ ୪୦ ହଜାର ଲୁଟି ନେଇଥିଲେ। ଏ ନେଇ ମଦନ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ନଂ. ୨୧୧/୨୧ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅନ୍ୟପକ୍ଷେ ଲୁଟ୍ ଟଙ୍କାରୁ ୧ ଲକ୍ଷ ୩୭ ହଜାରକୁ ଛାଡି ଦେଲେ ଅବଶିଷ୍ଟ ଅର୍ଥ ଲୁଟେରା ବ୍ୟୟ ଖର୍ଚ୍ଚ କରି ଦେଇଥିବା କହିଛନ୍ତି। ଜବତ ଟଙ୍କାକୁ ପୋଲିସ ମଦନଙ୍କୁ ହସ୍ତାନ୍ତର କରିଛି।

# ସୀମା ନିର୍ଦ୍ଧାରଣ, ଚିଠା ସଂରକ୍ଷଣ ତାଲିକା ପ୍ରକାଶ

**ନୟାଗଡ଼ ଅଫିସ,୩।୧**

ଜିଲାରେ ନୟାଗଡ଼ ମ୍ୟୁନିସିପାଲିଟି, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା ଓ ଓଡ଼ଗାଁ ଏନ୍‌ଏସି ରହିଛି। ଓଡ଼ଗାଁ ଏନ୍‌ଏସି ନୂଆ ହୋଇଥିବାରୁ ଏଠାରେ ନିର୍ବାଚନ ହେଉନାହିଁ। ଅନ୍ୟ ସହରଗୁଡିକରେ ନିର୍ବାଚନ ହେବ। ପୌର ନିର୍ବାଚନ ପାଇଁ ସରକାର ପ୍ରସ୍ତୁତି ପରେ ନୟାଗଡ଼ ମ୍ୟୁନିସିପାଲିଟିରେ ସୀମା ନିର୍ଦ୍ଧାରଣ ସହ ଚିଠା ସଂରକ୍ଷଣ ତାଲିକା ସୋମବାର ପ୍ରକାଶ ପାଇଛି। ୧୨ ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗ ଓ ୧୩ ତାରିଖରେ ଶୁଣାଣି ହେବ। ୨୪ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ।

### ନୟାଗଡ଼ ମ୍ୟୁନିସିପାଲିଟି

ନୟାଗଡ଼ ମ୍ୟୁନିସିପାଲିଟିରେ ଚଳିତବର୍ଷ ପ୍ରଥମ ଥର ପାଇଁ ଭୋଟ ହେବ। କାରଣ ପୂର୍ବରୁ ନୟାଗଡ଼ ଏନ୍‌ଏସି ଥିଲା। ନୟାଗଡ଼ ଏନ୍‌ଏସିରେ ୧୩ଟି ୱାର୍ଡ ଥିବାବେଳେ ମ୍ୟୁନିସିପାଲିଟିରେ ୧୬ଟି ୱାର୍ଡ ହୋଇଛି। ଏହାର ୧ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୨ନଂ. ୱାର୍ଡ ଅଣସଂରକ୍ଷିତ, ୩ନଂ. ୱାର୍ଡ ମହିଳା, ୪ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୫,୬,୭ ଓ ୮ ନଂ. ୱାର୍ଡ ଅଣସଂରକ୍ଷିତ, ୯ ନଂ. ୱାର୍ଡ ମହିଳା, ୧୦ ଓ ୧୧ନଂ. ୱାର୍ଡ ଅଣସଂରକ୍ଷିତ, ୧୨, ୧୩ ଓ ୧୪ ନଂ. ୱାର୍ଡ ମହିଳା, ୧୫ ନଂ. ୱାର୍ଡ ଅଣସଂରକ୍ଷିତ, ୧୬ ନଂ. ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

### ଦଶପଲ୍ଲା ଏନ୍‌ଏସି

ଦଶପଲ୍ଲା ଏନ୍‌ଏସିରେ ୧୬ଟି ୱାର୍ଡ ରହିଛି। ୧ନଂ. ୱାର୍ଡ ଅଣସଂରକ୍ଷିତ, ୨ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୩ ଓ ୪ନଂ. ୱାର୍ଡ ମହିଳା, ୫ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୬ ନଂ. ୱାର୍ଡ ଅଣସଂରକ୍ଷିତ, ୭ ନଂ. ୱାର୍ଡ ମହିଳା, ୮ ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୯ ନଂ. ୱାର୍ଡ ଅଣସଂରକ୍ଷିତ, ୧୦ ନଂ. ୱାର୍ଡ ମହିଳା, ୧୧ ନଂ. ୱାର୍ଡ ଅଣସଂରକ୍ଷିତ, ୧୨ ନଂ. ୱାର୍ଡ ମହିଳା, ୧୩ ନଂ. ୱାର୍ଡ ଅନୁସୂଚିତ ଜାତି, ୧୪, ୧୫ ଓ ୧୬ ନଂ. ୱାର୍ଡ ଅଣସଂରକ୍ଷିତ ରହିଛି।

### ଖଣ୍ଡପଡ଼ା ଏନ୍‌ଏସି

ଖଣ୍ଡପଡା ଏନ୍‌ଏସିରେ ୧୩ଟି ୱାର୍ଡ ରହିଛି। ଏହାର ୧ନଂ. ୱାର୍ଡ ଅଣସଂରକ୍ଷିତ, ୨ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୩ ନଂ. ୱାର୍ଡ ମହିଳା, ୪ ନଂ. ୱାର୍ଡ ଅନୁସୂଚିତ ଜାତି, ୫ ନଂ. ୱାର୍ଡ ଅଣସଂରକ୍ଷିତ, ୬ ନଂ. ୱାର୍ଡ ମହିଳା, ୭ ଓ ୮ ନଂ. ୱାର୍ଡ ଅଣସଂରକ୍ଷିତ, ୯ ନଂ. ୱାର୍ଡ ମହିଳା, ୧୦ ନଂ. ୱାର୍ଡ ଅଣସଂରକ୍ଷିତ, ୧୧ ନଂ. ୱାର୍ଡ ମହିଳା, ୧୨ ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୧୩ ନଂ. ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷଣ ଚିଠା ପ୍ରକାଶ ପାଇଛି।

### ରଣପୁର ଏନ୍‌ଏସି

ରଣପୁର ଏନ୍‌ଏସିରେ ୧୫ଟି ୱାର୍ଡ ରହିଛି। ଏହାର ୧ନଂ. ୱାର୍ଡ ମହିଳା, ୨ନଂ. ୱାର୍ଡ ଅନୁସୂଚିତ ଜାତି ମହିଳା, ୩, ୪ ଓ ୫ ନଂ. ୱାର୍ଡ ଅଣସଂରକ୍ଷିତ, ୬ଓ ୭ ନଂ. ୱାର୍ଡ ମହିଳା, ୮ ନଂ. ୱାର୍ଡ ଅଣସଂରକ୍ଷିତ, ୯ ନଂ. ୱାର୍ଡ ମହିଳା, ୧୦ ନଂ. ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୧୧ ନଂ. ୱାର୍ଡ ଅଣସଂରକ୍ଷିତ, ୧୨ ନଂ. ୱାର୍ଡ ଅନୁସୂଚିତ ଜାତି, ୧୩ ନଂ. ଓ ୧୪ ନଂ. ୱାର୍ଡ ମହିଳା, ୧୫ ନଂ. ୱାର୍ଡ ଅଣସଂରକ୍ଷିତ ରହିଛି।

# ପିକ୍‌ନିକ୍ ଋତୁ : ବଜାର ଛକରେ ଟ୍ରାଫିକ ସମସ୍ୟା

**ଖଣ୍ଡପଡ଼ା,୩।୧ (ସ୍ୱ.ପ୍ର.)**

ସମ୍ପ୍ରତି ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଛି। ଶନିବାର ନୂଆବର୍ଷ ପାଦ ଦେଇଛି। ପର୍ଯ୍ୟଟନ କ୍ଷେତ୍ର କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ପୀଠକୁ ପ୍ରତ୍ୟେହ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ମନ୍ଦିର ଯିବା ମୁଖ୍ୟ ରାସ୍ତା ତଥା ବଜାର ଛକର ଟ୍ରାଫିକ ସମସ୍ୟା ବାଧକ ସାଜୁଛି। ଦୈନିକ ଏଠାରେ ଉଠା ପରିବା ଦୋକାନୀ ଓ ମାଛ ବେପାରୀ ପସରା ମେଲାଇ ବସୁଛନ୍ତି। ପୋଲିସ ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି।

କଣ୍ଟିଲୋ ଅଞ୍ଚଳରେ ପରିବା, ମାଛ ହାଟ ବସିବାକୁ ଖୋଲା ଜାଗା ରହିଛି। ହେଲେ ଉଠା ବ୍ୟବସାୟୀ ଯାତ୍ରାପଦା ବଜାରକୁ ସେମାନଙ୍କ ମୁଖ୍ୟ ପେଣ୍ଠସ୍ଥଳ ଭାବେ ଧରି ନେଇଛନ୍ତି। ସେମାନଙ୍କ ଧାରଣା ବିଭିନ୍ନ ଗାଡିରୁ ଓହ୍ଲାଉଥିବା ଯାତ୍ରୀ ଅବା ଆଖପାଖ ଅଞ୍ଚଳର ଲୋକ ବଜାର ଛକରୁ ସେମାନଙ୍କ ମନ ମୁତାବକ ପରିବା ଓ ମାଛ, ମାଂସ କିଣିବେ। ଏଥିପାଇଁ ପ୍ରତ୍ୟେହ ଉଠା ଦୋକାନୀମାନେ ଯାତ୍ରାପଦା ଦେଇ ଯାଉଥିବା ମୁଖ୍ୟ ରାସ୍ତା ଓ ବଜାର ଛକ ପାର୍ଶ୍ୱରେ ପସରା ମେଲାଇଥାନ୍ତି। ବଜାର ନିକଟରେ ଥିବା ଖୁଦବେହେରାପାଟଣା ଓ ହରିଜନସାହିର ଝିଅବୋହୂମାନେ ସକାଳ ଓ ସନ୍ଧ୍ୟାରେ ସ୍ନାନ ଶୌଚାଦି ପାଇଁ ଏହି ବଜାର ଛକ ଦେଇ ମହାନଦୀ ଘାଟକୁ ଯାଇଥାନ୍ତି। ଏହାଛଡା ବିଭିନ୍ନ ସାହି ବସ୍ତିର ଶତାଧିକ ଛାତ୍ରୀଛାତ୍ର ଏହି ଛକ ଦେଇ ସ୍କୁଲ କଲେଜକୁ ଯାତାୟାତ କରିଥାନ୍ତି। ଏପରିସ୍ଥଳେ ବିଭିନ୍ନ ଯାନବାହାନରେ ଆସୁଥିବା ଗ୍ରାହକମାନେ ଆବଶ୍ୟକ ସାମଗ୍ରୀ କିଣିବାକୁ ଛକ ଓ ଦୋକାନ ସମ୍ମୁଖରେ ଯାନବାହାନ ରଖି ଭିଡ କରୁଛନ୍ତି। ଫଳରେ ଉକ୍ତ ଛକ ରାସ୍ତା ଦେଇ ଯାଉଥିବା ବିଭିନ୍ନ ଭାରିଯାନ, ଯାତ୍ରୀବାହୀ ଯାନ ଅବା ମନ୍ଦିରକୁ ଆସୁଥିବା ଗାଡି ଯାତାୟାତରେ ବ୍ୟାଘାତ ହୋଇଥାଏ। ଅନେକ ସମୟରେ ଏହି ଟ୍ରାଫିକ ସମସ୍ୟାକୁ ନେଇ ଛୋଟ ବଡ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ବାରମ୍ବାର ଅଭିଯୋଗ ପରେ ସ୍ଥାନୀୟ ପୋଲିସ ଚଡାଉ କରି ସମ୍ପୃକ୍ତ ବେପାରୀମାନଙ୍କୁ ଅନ୍ୟତ୍ର ଘଉଡାଉଛନ୍ତି। ଏପରିକି କେତେଜଣ ବେପାରୀଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଛି। ବ୍ୟବସାୟୀ ସାମୟିକ ଭାବେ ପୋଲିସ ଭୟରେ ଅନ୍ୟତ୍ର ଚାଲି ଯାଉଛନ୍ତି। ପରେ ଆସି ପସରା ମେଲାଉଛନ୍ତି। ଫଳରେ ଶ୍ରୀନୀଳମାଧବ ପୀଠକୁ ଆସୁଥିବା ପର୍ଯ୍ୟଟକ ଟ୍ରାଫିକ ସମସ୍ୟା ଯୋଗୁ ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି। ଏ ସମ୍ପର୍କରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓଙ୍କୁ ପଚାରିବାରୁ କଣ୍ଟିଲୋ ଅଞ୍ଚଳରେ ବ୍ୟାପକ ସରକାରୀ ଓ ଦେବୋତ୍ତର ବିଭାଗର ଜାଗା ରହିଛି। ଦେବୋତ୍ତର ବିଭାଗ ପକ୍ଷରୁ ବଜାର ନିକଟ ଠାକୁରଙ୍କ ଚନ୍ଦନ ପୋଖରୀ ପାଖରେ ପରିବା ବ୍ୟବସାୟୀଙ୍କୁ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ହେଲେ ବେପାରୀମାନେ ସେଠାରେ ନ ବସି ମୁଖ୍ୟ ରାସ୍ତାକୁ ଚାଲି ଆସୁଛନ୍ତି। ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



କଣ୍ଟିଲୋ ଟ୍ରାଫିକ ଛକରେ ବେପାରୀଙ୍କ ପାଖରେ ଗ୍ରାହକଙ୍କ ଗହଳି।